ଲୋକନାରାୟଣ ପାଣ୍ଡେ ଏବଂ ଅନ୍ୟମାନେ

ବନାମ

ମହାରାଷ୍ଟ୍ର ରାଜ୍ୟ ଏବଂ ଅନ୍ୟମାନେ

ଅକ୍ଟୋବର 7,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ମହାରାଷ୍ଟ୍ର ଅଧସ୍ତନ ଆରକ୍ଷୀ ସେବା - ମୁଖ୍ୟ କନଷ୍ଟେବଳ - ନିୟମିତକରଣ - ଉପ ଆରକ୍ଷୀ ନିରୀକ୍ଷକ ଭାବରେ ପଦୋନ୍ନତି ପାଇଁ ବିଚାର - ରାୟ ଦିଆଗଲା ଯେ , ଆବେଦନକାରୀମାନେ ନିର୍ଦ୍ଧାରିତ ଅବଧି ମଧ୍ୟରେ ସେମାନଙ୍କର ଇଚ୍ଛାକୁ ପ୍ରକାଶ କରିବା ନିମିତ୍ତ କୌଣସି ଦାଖଲ କରିନଥିଲେ - ନିଜେ ନିଷ୍କ୍ରିୟ ହୋଇ, ସେମାନେ ଭୁଲ କରିଛନ୍ତି - ସରକାର ସେମାନଙ୍କ ଦାବି ଉପରେ ବିଚାର ନକରିବାରେ ଠିକ୍ ଥିଲେ ।*

ଦେୱାନୀ ଆବେଦନ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ ସଂଖ୍ୟା 19487/ 1996 ।

ମୂଳ ନିବେଦନ ସଂଖ୍ୟା 492/1994 ରେ ନାଗପୁର ସ୍ଥିତ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣଙ୍କର 10.5.96 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଜି. ଏଲ୍. ସଂଘୀ , ଏନ୍. ଆର୍. ଚୌଧୁରୀ, ଦୀପକ ଭଟ୍ଟାଚାର୍ଯ୍ୟ ଏବଂ ସୋମନାଥ ମୁଖାର୍ଜୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ମୂଳ ଆବେଦନ ସଂଖ୍ୟା 492/94 ଏବଂ ସମୂହ ଆବେଦନରେ ମହାରାଷ୍ଟ୍ର ପ୍ରଶାସନିକ ନ୍ୟାୟାଧିକରଣଙ୍କର ଆଦେଶ ବିରୁଦ୍ଧରେ ଏହି ଆବେଦନ ଦାଖଲ କରାଯାଇଛି ।

ଆବେଦନକାରୀମାନେ ହେଉଛନ୍ତି ମହାରାଷ୍ଟ୍ର ଅଧସ୍ତନ ଆରକ୍ଷୀ ସେବାରେ ମୁଖ୍ୟ କନେଷ୍ଟବଳ ଏବଂ ପୂର୍ବରୁ ଯେତେବେଳେ ସେମାନେ ଉଚ୍ଚ ନ୍ୟାୟାଳୟ ରେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ, ଉଚ୍ଚ ନ୍ୟାୟାଳୟ 30.4.1991 ତାରିଖର ଆଦେଶ ଦ୍ବାରା ନିର୍ଦ୍ଦେଶ ଦେଇଥିଲେ

ଯେ, ଯଦି ଆବେଦନକାରୀମାନେ ଆଦେଶ ତାରିଖ ଠାରୁ ଦୁଇ ମାସ ମଧ୍ୟରେ ସେମାନଙ୍କର ଇଚ୍ଛାକୁ ପ୍ରକାଶ କରିବା ନିମିତ୍ତ କୌଣସି ଦାଖଲ କରନ୍ତି, ତେବେ ସେମାନଙ୍କ ପାଇଁ 1991 ମସିହାରେ ହାଜର ହୋଇଥିବା ପ୍ରାର୍ଥୀଙ୍କ ନିୟମିତକରଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଦ୍ୱାର ଉନ୍ମୁକ୍ତ ରହିବ । 1984-85 ରେ ହୋଇଥିବା ଲିଖିତ ପରୀକ୍ଷାରେ ପ୍ରାପ୍ତ ମୂଲ୍ୟାଙ୍କକୁ ପୁନର୍ବାର ବିଚାରକୁ ନିଆଯିବ ଏବଂ ସାକ୍ଷାତକାର ପରୀକ୍ଷାରେ ପ୍ରାପ୍ତ ମୂଲ୍ୟାଙ୍କ ଆଦିକୁ ଧ୍ୟାନରେ ମଧ୍ୟ ରଖାଯିବ । ଯଦି ସେମାନେ ଯୋଗ୍ୟତା ଆଧାରରେ ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ସେମାନଙ୍କୁ ଯୋଗ୍ୟତା ତାଲିକାରେ ରଖାଯିବ ଏବଂ ଉପ- ଆରକ୍ଷୀ ନିରୀକ୍ଷକ ଭାବେ ପଦୋନ୍ନତି ପାଇଁ ନିୟମ ଅନୁଯାୟୀ ସେମାନଙ୍କୁ ବିଚାର କରାଯିବ । ସ୍ୱୀକାରଯୋଗ୍ୟ, ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁଇ ମାସ ମଧ୍ୟରେ ସେମାନଙ୍କର ଇଚ୍ଛା ପ୍ରକାଶ ନିମିତ୍ତ କୌଣସି ଦାଖଲ କରିନଥିଲେ । ସେମାନେ ଏହି ଆଦେଶ ବିରୁଦ୍ଧରେ ଏକ ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରିଥିଲେ ଏବଂ ଏହି ନ୍ୟାୟାଳୟ ତାହାକୁ ଖାରଜ କରିଦେଲେ । ଆମକୁ ସୂଚନା ଦିଆଯାଇଛି ଯେ ଏହା ପରେ ଦୁଇ ମାସ ମଧ୍ୟରେ ସେମାନେ ସେମାନଙ୍କ ପ୍ରତିଶ୍ରୁତି ପତ୍ର ଦାଖଲ କରିଥିଲେ । ଯେତେବେଳେ ସେମାନଙ୍କୁ ବିଚାରକୁ ନିଆଗଲା ନାହିଁ ଏବଂ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାକୁ ଦାବି କରାଗଲା, ସେତେବେଳେ ସରକାର ସେମାନଙ୍କ ଆବେଦନକୁ ଗ୍ରହଣ କଲେ ନାହିଁ । ତେଣୁ ସେମାନେ ବର୍ତ୍ତମାନର ଆବେଦନ ଦାଖଲ କରିଛନ୍ତି ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ସଂଘୀ , ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଏକ ପରିପତ୍ରକୁ ଆମ ଦୃଷ୍ଟିକୁ ଆଣିଥିଲେ ଯେଉଁଥିରେ ସାକ୍ଷାତକାର ପରୀକ୍ଷାକୁ ପୁଣିଥରେ କରିବାକୁ ଅନୁମତି ଦିଆଯାଇଥିଲା । ଏହା ଜଣାପଡ଼େ ଯେ ଅନ୍ୟ କେତେ ଜଣ ପ୍ରାର୍ଥୀ, ନ୍ୟାୟାଧିକରଣଙ୍କ ଦ୍ବାରସ୍ଥ ହୋଇଛନ୍ତି ଏବଂ ନ୍ୟାୟାଧିକରଣଙ୍କଠାରୁ ସମାନ ଆଦେଶ ପ୍ରାପ୍ତ କରିଛନ୍ତି ଯେଉଁ ଆଧାରରେ ସରକାର ଉପରୋକ୍ତ ଆଦେଶ ଜାରି କରିଛନ୍ତି । ଏହା ଉପରେ ନିର୍ଭରଶୀଳ ହୋଇ, ଏହା ଯୁକ୍ତି କରାଯାଇଛି ଯେ ଯେହେତୁ ସରକାର ଉକ୍ତ ପରିପତ୍ର ରେ ତିନି ମାସର ସମୟ ଦେଇଛନ୍ତି, ଆବେଦନକାରୀମାନେ ମଧ୍ୟ ନିୟମିତକରଣ ପାଇଁ ହାଜର ହେବାର ସେହି ଲାଭ ଉଠାଇବାକୁ ହକଦାର ଅଟନ୍ତି । ନିର୍ଦ୍ଦେଶ ଦେଉଥିବା ଅଧିବକ୍ତାଙ୍କ ଦ୍ୱାରା ଅଧିବକ୍ତାମାନଙ୍କ ସାଧାରଣ ପରିଷଦରେ ଜାରି କରାଯାଇଥିବା ନିର୍ଦ୍ଦେଶ ଆଧାରରେ ଏହା ମଧ୍ୟ ଯୁକ୍ତି କରାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଙ୍କ ନିର୍ଦ୍ଦେଶ ଅନୁଯାୟୀ ଆରକ୍ଷୀ ମହାନିର୍ଦ୍ଦେଶକ 1991 ମସିହା ପାଇଁ ମଧ୍ୟ ପରୀକ୍ଷା

କରିନଥିଲେ, ତେଣୁ ଆବେଦନକାରୀମାନଙ୍କୁ, ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ନିର୍ଦ୍ଦେଶ ଅନୁଯାୟୀ ମୌଖିକ ପରୀକ୍ଷା ପାଇଁ ହାଜର ହେବାର ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ।

ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରିବୁ ନାହିଁ କାରଣ ଯେତେବେଳେ ଉଚ୍ଚ ନ୍ୟାୟାଳୟ ଦୁଇ ମାସର ସମୟସୀମା ନିର୍ଦ୍ଧାରଣ କରିଥିଲେ ଏବଂ ଯେତେବେଳେ ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ଏହି ନ୍ୟାୟାଳୟଙ୍କର ଦ୍ୱାରସ୍ଥ ହୋଇଥିଲେ, ସେହି କ୍ଷେତ୍ରରେ ଆବଶ୍ୟକ ପରିଣାମ ଏହା ହେବ ଯେ ସେମାନେ ଉଚ୍ଚ ନ୍ୟାୟାଳୟଙ୍କଠାରୁ ରୁ ସମୟ ବୃଦ୍ଧି ନିମିତ୍ତ ଅନୁମତି ପାଇବା ଉଚିତ୍ କିମ୍ବା ସେମାନେ ଲିଖିତ ସ୍ୱୀକୃତି ଦେବା ପାଇଁ ଏହି ନ୍ୟାୟାଳୟଙ୍କଠାରୁ ଅଧିକ ସମୟ ପାଇଁ ମଧ୍ୟ ଅନୁମତି ନେବା ଉଚିତ୍ । ଦୁର୍ଭାଗ୍ୟବଶତଃ, ସେମାନେ ଏପରି କୌଣସି ଅଧିକ ସମୟ ଚାହୁଁନଥିଲେ । ତେଣୁ ଆଜ୍ଞାଦେଶ ଆବେଦନ ଦାଖଲ କରିବା ପରେ, ସେମାନଙ୍କ ଦାବି ଉପରେ ବିଚାର ନକରି ସରକାର ଠିକ୍ ଥିଲେ । କେବଳ ଏହା ସତ୍ୟ ଯେ ଅନ୍ୟ କେତେ ଜଣ ପ୍ରାର୍ଥୀ ନ୍ୟାୟାଧିକରଣଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବା ସମାନ ଆଦେଶ ପାଇଥିଲେ ଏବଂ ସରକାର, ପରିପତ୍ର ଅନୁଯାୟୀ ସେହି ପ୍ରତିକାରର ଲାଭ ଉଠାଇବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିବାରୁ, ଏହା ଆବେଦନକାରୀମାନଙ୍କୁ ସେହି ପ୍ରତିକାରର ଲାଭ ଉଠାଇବା ପାଇଁ ଆଉ କୌଣସି କାର୍ଯ୍ୟାନୁଷ୍ଠାନର କାରଣ ପ୍ରଦାନ କରିବେ ନାହିଁ । ନିଜେ ନିଷ୍କ୍ରିୟ ହୋଇ, ଆବେଦନକାରୀମାନେ ଭୁଲ କରିଛନ୍ତି, ତେଣୁ ସେମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡିବ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଖାରଜ କରାଗଲା ।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।